ଜି. ବି. କାଶୀରସାଗର

ବନାମ

ଏଲ୍. ଏ. ନରୋଡେ

ସେପ୍ଟେମ୍ବର 25, 1996

[ଏମ୍. ଏମ୍. ପୁଞ୍ଛି ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଆଇନ ଏବଂ କୃଷି ପ୍ରଜାସ୍ୱତ୍ୱ*

*ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1948:*

*ଧାରା 31, 31C – ଆଖୁ ଜମିର ରୟତଙ୍କ ଉଚ୍ଛେଦ – ପ୍ରଜାସ୍ୱତ୍ୱ ସମାପ୍ତ ପାଇଁ ପ୍ରତିବନ୍ଧକ – ରୟତଙ୍କ ଉଚ୍ଛେଦ ପାଇଁ ଜମି ମାଲିକଙ୍କ ଦ୍ୱାରା ଆବେଦନ – ଆପୋସ ବୁଝାମଣା ଦୃଷ୍ଟିରୁ ଆଦେଶ ପାରିତ – ରୟତ 3 ଏକର ଜମି ସମର୍ପଣ କରିଲେ ଏବଂ 1 ଏକର ଏବଂ 38 ଗୁଣ୍ଠ ଜମି ନିଜ ପାଖରେ ରଖିଲେ – ଜମି ମାଲିକ ପୁଣିଥରେ ଯଥାର୍ଥ ବ୍ୟକ୍ତିଗତ ଚାଷ ଆଧାରରେ ପ୍ରଜାସ୍ୱତ୍ୱକୁ ସମାପ୍ତ କରିବାକୁ ଏହି ଅଭିଯୋଗ କରି ଅନୁରୋଧ କରିଛନ୍ତି ଯେ, ପୂର୍ବ ଆଦେଶ କେବଳ ଏକ ସହମତ ଆଦେଶ ଥିଲା ଏବଂ କଠୋର ଭାବରେ ଧାରା 31 ଅନୁଯାୟୀ ଏକ ଆଦେଶ ନଥିଲା – ଦର୍ଶାଯାଇଛି, ରୟତଙ୍କ ଉଚ୍ଛେଦ ପାଇଁ ଧାରା 31 ସହିତ ଧାରା 31C ଅନୁଯାୟୀ ବ୍ୟବସ୍ଥା ଏକକାଳୀନ ପଦକ୍ଷେପ ଅଟେ – ଧାରା 31 ଅଧୀନରେ କାର୍ଯ୍ୟବିଧି ଥରେ ଜମି ମାଲିକଙ୍କ ଦ୍ୱାରା ଅବଲମ୍ବନ କରାଯାଇଥିଲା ଏବଂ ପକ୍ଷମାନଙ୍କ ସମ୍ମତିରେ ଏହା ଉପରେ ଏକ ନିର୍ଣ୍ଣୟ ନିଆଯାଇଥିଲା ଯାହା ଉପରେ ମାମଲାର ଶୁଣାଣି କରୁଥିବା କର୍ତ୍ତୃପକ୍ଷ ତାଙ୍କ ଅନୁମୋଦନର ମୋହର ଲଗାଇଥିଲେ – ଧାରା 31C ଦ୍ୱିତୀୟ ଥର ପାଇଁ ପ୍ରଜାସ୍ୱତ୍ୱ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ ପ୍ରତିବନ୍ଧକ ଅଟେ ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 2554/1982 ।

ଏସ୍. ସି. ଏ. ସଂଖ୍ୟା 2847/1975 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 15.7.80 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଭି. ଏନ୍. ଗଣପୁଲେ ଏବଂ ଭି. ବି. ଯୋଶୀ ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ଜେ. ଏସ୍. ୱାଡ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

1 ଏକର ଏବଂ 38 ଗୁଣ୍ଠ ପରିମାପର ଏକ ଛୋଟ ଜମି ଉପରେ ନିଜର ପ୍ରଜାସ୍ୱତ୍ୱକୁ ବଜାୟ ରଖିବାରେ ଆବେଦନକାରୀଙ୍କୁ ଅସହାୟ ବୋଲି ବିବେଚନା କରିବାରେ ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୋଣକୁ ଏହି ଅପିଲରେ ଆପତ୍ତି କରାଯାଇଛି ।

ଏହା ସ୍ପଷ୍ଟ କରେ ଯେ, ଆବେଦନକାରୀ ଉତ୍ତରଦାତା-ଜମି ମାଲିକଙ୍କ ଅଧୀନରେ 4 ଏକର ଏବଂ 38 ଗୁଣ୍ଠ ଜମିରେ ଚାଷ ଦଖଲରେ ଥିଲେ । ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1948 [ଅଧିନିୟମ]ର ଧାରା 31 ଅନୁଯାୟୀ ଜମି ମାଲିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ, ପ୍ରଜାସ୍ୱତ୍ୱ ଅଓ୍ୱଲ କରକୁନ, କୋପରଗାଓଁ ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ଆପୋସ ବୁଝାମଣା ଆଧାରରେ 3.5.1954 ତାରିଖରେ ଏକ ଆଦେଶ ପାରିତ କରିଥିଲେ, ଯେଉଁଥିରେ 3 ଏକର ଜମି ଜମି ମାଲିକଙ୍କୁ ସମର୍ପଣ କରାଯାଇଥିଲା ଏବଂ ଅବଶିଷ୍ଟ ଜମି ରୟତଙ୍କ ଦ୍ୱାରା ରଖିବାକୁ ଛାଡ଼ି ଦିଆଯାଇଥିଲା । ଏହା ବିବାଦ ବାହାରେ ଯେ, ଯଦି ଆବେଦନଟି ଯୋଗ୍ୟତା ଆଧାରରେ ନିଷ୍ପତ୍ତି ହୋଇଥାଆନ୍ତା, ତେବେ ରୟତଙ୍କ ସହ ସବୁଠାରୁ ଖରାପ ଘଟଣା ଯାହା ଘଟିଥାଆନ୍ତା ତାହା ହେଉଛି ଯେ, ତାଙ୍କୁ ଭଡ଼ା ନେଇଥିବା ଅଧା ଜମି ଖାଲି କରିବାକୁ ବାଧ୍ୟ କରାଯାଇଥାଆନ୍ତା । ଯାହା ସ୍ପଷ୍ଟ, ଏହି ଆପୋସ ବୁଝାମଣା ଦ୍ୱାରା ଭଡ଼ାଟିଆଙ୍କ ଅବସ୍ଥା ଆହୁରି ଖରାପ ହୋଇଯାଇଥିଲା ଏବଂ ତାଙ୍କୁ କେବଳ 1 ଏକର 38 ଗୁଣ୍ଠ ପର୍ଯ୍ୟନ୍ତ ଅଧା ଠାରୁ କମ ଜମି ରଖିବାକୁ ଛାଡ଼ି ଦିଆଯାଇଥିଲା । ସେ ଯାହା ହେଉନା କାହିଁକି, ପରିସ୍ଥିତି ଏହିପରି ଜାରି ରହିଲା, ଯେତେବେଳେ ଅଧିନିୟମର ଧାରା 31 ର ସମାନ ବ୍ୟବସ୍ଥା ଅନୁଯାୟୀ ଜମି ମାଲିକ ଦ୍ୱାରା ରୟତଙ୍କୁ ଉଚ୍ଛେଦ କରିବାକୁ ଦ୍ୱିତୀୟ ପ୍ରୟାସ କରାଯାଇଥିଲା । ଏଥର ପୁଣି ଆପୋସ ବୁଝାମଣା ହୋଇଥିଲା । ଏହି ଜମିକୁ ଆଖୁ ଜମି ବୋଲି ସ୍ୱୀକାର କରାଯାଇଥିଲା । ନିଃସନ୍ଦେହରେ, ଏହି ଅଧିନିୟମର ବିଭିନ୍ନ ବ୍ୟବସ୍ଥାଗୁଡ଼ିକ ଆଖୁ ଜମି ପାଇଁ ପ୍ରଯୁଜ୍ୟ, ଯାହାର ବିବରଣୀ ସହିତ ଆମେ ବର୍ତ୍ତମାନ ସମ୍ପୃକ୍ତ ନାହୁଁ; କେବଳ ଏହା କହିବା ବ୍ୟତୀତ ଯେ, ସେତେବେଳେ ଆଖୁ ଜମିର ରୟତମାନେ ଉଚ୍ଛେଦ ଯୋଗ୍ୟ ନଥିଲେ । ପରେ ଏକ ଅଧିସୂଚନା ଆସିଥିଲା ଯାହା ଆଖୁ ଜମିର ରୟତଙ୍କୁ ମଧ୍ୟ ଉଚ୍ଛେଦ କରିବାକୁ ଅନୁମତି ଦେଇଥିଲା, ଯଦି ଏପରି ପ୍ରୟାସ ଅଧିନିୟମର ଧାରା 31C ଏବଂ 31D ର ବ୍ୟବସ୍ଥାର ବିପରୀତରେ ନଥାଏ । ଧାରା 31C ବ୍ୟବସ୍ଥା କରେ ଯେ, ଧାରା 31 ଅନୁଯାୟୀ ପ୍ରଜାସ୍ୱତ୍ୱ ସମାପ୍ତ ହେବା ପରେ ରୟତଙ୍କ ପାଖରେ ଥିବା କୌଣସି ଜମିର ପ୍ରଜାସ୍ୱତ୍ୱ ପରବର୍ତ୍ତୀ ସମୟରେ କୌଣସି ସମୟରେ ଏହି ଆଧାରରେ ପୁନର୍ବାର ସମାପ୍ତ ହେବାକୁ ଯୋଗ୍ୟ ହେବ ନାହିଁ ଯେ, ଜମି ମାଲିକ ବ୍ୟକ୍ତିଗତ ଚାଷ ପାଇଁ ସେହି ଜମି ଆବଶ୍ୟକ କରନ୍ତି । ଧାରା 31D ରେ ବ୍ୟବସ୍ଥା ରହିଛି ଯେ, ଧାରା 31 ଅନୁଯାୟୀ ପ୍ରଜାସ୍ୱତ୍ୱ ସମାପ୍ତ ହେବାର ପରିଣାମ ସ୍ୱରୂପ,

ଯଦି ଭଡ଼ା ଦିଆଯାଇଥିବା ଜମିର କୌଣସି ଅଂଶ ରୟତଙ୍କ ପାଖରେ ରହିଥାଏ, ତେବେ ରୟତଙ୍କ ପାଖରେ ଥିବା ଜମିର ଅନୁପାତରେ ନିର୍ଦ୍ଧାରିତ ଢଙ୍ଗରେ ଭଡ଼ା ବିଭାଜିତ କରାଯିବ । ଏହି ଅଧିସୂଚନା ରୟତଙ୍କ ପାଖରେ ଥିବା ଜମିରେ ବ୍ୟକ୍ତିଗତ ଚାଷ ପାଇଁ ଅନୁରୋଧ କରି ଜମି ମାଲିକଙ୍କୁ ପୁଣିଥରେ ସ୍ଥାନାନ୍ତର କରିବାକୁ ପ୍ରବର୍ତ୍ତାଇଥିଲା । ସ୍ୱାଭାବିକ ଭାବରେ ସେ ଅଧିନିୟମର ଧାରା 31C ଅନୁଯାୟୀ ପ୍ରତିବନ୍ଧକ ସହିତ ରୟତଙ୍କ ସମ୍ମୁଖୀନ ହୋଇଥିଲେ । ରାଜସ୍ୱ ପଦାନୁକ୍ରମର ଦୁଇଟି ନ୍ୟାୟାଳୟ ପ୍ରତିବନ୍ଧକକୁ ପ୍ରୟୋଗ କରିଥିଲେ ଏବଂ ରୟତ-ଅପିଲକାରୀଙ୍କ ସପକ୍ଷରେ ନିଷ୍ପତ୍ତି ନେଇଥିଲେ କିନ୍ତୁ ଜମି ମାଲିକଙ୍କ ଅନୁରୋଧରେ ଜମି ନ୍ୟାୟାଧିକରଣ ପୁନରୀକ୍ଷଣ କରି ସେହି ଆଦେଶକୁ ଓଲଟାଇ ଦେଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଏକ ରିଟ୍ ଆବେଦନରେ ଏହାକୁ ନିଶ୍ଚିତ କରିଥିଲେ ।

ଯେଉଁ ଆଧାରରେ ଜମି ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ ଧାରା 31C ରେ ଉପଲବ୍ଧ ପ୍ରତିବାଦକୁ ଖଣ୍ଡନ କରିଛନ୍ତି ତାହା ହେଉଛି ଧାରା 31 ଅଧୀନରେ 3.5.1954 ତାରିଖର ପୂର୍ବ ଆଦେଶ, କଠୋର ଭାବରେ କହିବାକୁ ଗଲେ, ଧାରା 31 ଅଧୀନରେ ଏକ ଆଦେଶ ନୁହେଁ ବରଂ କେବଳ ଏକ ସହମତ ଆଦେଶ କିମ୍ବା ଆପୋସ ବୁଝାମଣା ଆଦେଶ; ଧାରା 31C ଅଧୀନରେ ପରିକଳ୍ପିତ ପ୍ରକାରର ଆଦେଶ ନୁହେଁ ଯାହା ଏକ ପ୍ରତିବନ୍ଧକ ସୃଷ୍ଟି କରିବ । ଏହା ସେହି ଦୃଷ୍ଟିକୋଣକୁ ଯାଞ୍ଚ କରିବା ପାଇଁ ଯେ, ପକ୍ଷମାନଙ୍କ ଅଧିବକ୍ତାଙ୍କୁ ଶୁଣାଯାଇଛି ଏବଂ ପ୍ରାସଙ୍ଗିକ ବ୍ୟବସ୍ଥାଗୁଡ଼ିକର ଅନୁଧ୍ୟାନ କରାଯାଇଛି ।

ଏହା ଉଲ୍ଲେଖନୀୟ ଯେ, ଧାରା 31 ବ୍ୟକ୍ତିଗତ ଚାଷ ଏବଂ ଅଣ-କୃଷି ବ୍ୟବହାର ପାଇଁ ପ୍ରଜାସ୍ୱତ୍ୱ ସମାପ୍ତ କରିବାର ପ୍ରକ୍ରିୟା ପ୍ରଦାନ କରେ, ଯେଉଁଥିପାଇଁ ଜମି ମାଲିକଙ୍କୁ ଏକ ଅଧିକାର ନ୍ୟସ୍ତ କରାଯାଇଛି । ଯଦି ତାଙ୍କ ଦାବି ଯଥାର୍ଥ ଅଟେ ଏବଂ ବ୍ୟବସ୍ଥାରେ ପ୍ରଦତ୍ତ ଅଧିକାର ଉପରେ ଆଧାରିତ, ତେବେ ଧାରା 31C ସହିତ ଉକ୍ତ ବ୍ୟବସ୍ଥାଟି ଏକକାଳୀନ ପଦକ୍ଷେପ ବୋଲି ସ୍ପଷ୍ଟ ଭାବେ ଜଣାପଡ଼େ । ବର୍ତ୍ତମାନର ମାମଲାକୁ ଏପରି ଭାବରେ ଦେଖାଯାଇପାରିବ ଯେ, ଜମି ମାଲିକଙ୍କ ଦ୍ୱାରା ଧାରା 31 ଅନୁଯାୟୀ କାର୍ଯ୍ୟବିଧି ଗ୍ରହଣ କରାଯାଇଥିଲା ଏବଂ ଏହା ଉପରେ ଏକ ନିର୍ଣ୍ଣୟ ନିଆଯାଇଥିଲା, ଯଦି ପକ୍ଷମାନଙ୍କ ସମ୍ମତି ସହିତ ପ୍ରତିଦ୍ୱନ୍ଦ୍ୱିତା ଭିତ୍ତିରେ ନୁହେଁ, ଯାହା ଉପରେ ମାମଲାର ଶୁଣାଣି କରୁଥିବା କର୍ତ୍ତୃପକ୍ଷ ଏହାର ଅନୁମୋଦନର ମୋହର ଲଗାଇଥିଲେ । କେହି କହିପାରିବେ ନାହିଁ ଯେ, ଉକ୍ତ ଆଦେଶ ଧାରା 31 ଅଧୀନରେ କର୍ତ୍ତୃପକ୍ଷଙ୍କ କ୍ଷମତା ଏବଂ କାର୍ଯ୍ୟର କଥିତ ପ୍ରୟୋଗରେ ଏକ ଆଦେଶ ନୁହେଁ । ଲାଭର ଏକ ବଡ଼ ଅଂଶ ପାଇଥିବାରୁ, ଧାରା 31 ଅନୁଯାୟୀ, ସେହି କାର୍ଯ୍ୟବିଧିଗୁଡ଼ିକ କୌଣସି କାର୍ଯ୍ୟବିଧି ନୁହେଁ ବୋଲି ଜମି ମାଲିକ ଅଭିଯୋଗ କରିପାରିନଥିଲେ । କେବଳ ଯେହେତୁ କର୍ତ୍ତୃପକ୍ଷ ପ୍ରତିଦ୍ୱନ୍ଦ୍ୱିତା ପରେ ଏକ ଆଦେଶ ନଥିଭୁକ୍ତ କରିନଥିଲେ, ସେହି ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା କ୍ଷମତାକୁ ଅସ୍ୱୀକାର

କରିବାର କୌଣସି ଆଧାର ହୋଇପାରିବ ନାହିଁ । ଯଦି ଏହା ଏପରି ହୋଇଥାଏ, ତେବେ ଧାରା 31C ଦ୍ୱିତୀୟ ଥର ପାଇଁ ପ୍ରଜାସ୍ୱତ୍ୱ ସମାପ୍ତ କରିବା ପାଇଁ ଏକ ସ୍ପଷ୍ଟ ପ୍ରତିବନ୍ଧକ ଅଟେ । କେବଳ କାରଣ ଜମି ମାଲିକ ଯଥାର୍ଥ ଭାବରେ ବ୍ୟକ୍ତିଗତ ଚାଷ ପାଇଁ ସେହି ଜମି ଏହି ଆଧାରରେ ଆବଶ୍ୟକ କରନ୍ତି କାରଣ ତାଙ୍କ ପରିବାର ସଦସ୍ୟଙ୍କ ବୃଦ୍ଧି ଘଟିଛି, ତାହାର କୌଣସି ପରିଣାମ ନାହିଁ । ତେଣୁ, ଆମ ମତରେ, ଉଚ୍ଚ ନ୍ୟାୟାଳୟ, ଉପଯୁକ୍ତ ସମ୍ମାନ ସହିତ, ଆବେଦନକାରୀଙ୍କୁ ଅଧିନିୟମର ଧାରା 31C ର ସୁବିଧା ପ୍ରତ୍ୟାଖ୍ୟାନ କରି, ତାଙ୍କୁ ଅସହାୟ କରିବାରେ ତ୍ରୁଟି କରିଥିଲେ । ଆମେ ସେହି ଅନୁଯାୟୀ ଦର୍ଶାଇଛୁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଏହି ଅପିଲକୁ ଅନୁମତି ଦିଆଯାଇଛି, ଉଚ୍ଚ ନ୍ୟାୟାଳୟ ତଥା ଜମି ନ୍ୟାୟାଧିକରଣଙ୍କ ରାୟ ଏବଂ ଆଦେଶକୁ ରଦ୍ଦ କରାଯାଇଛି; ଅଧିନିୟମ ଅନୁଯାୟୀ ଦୁଇଟି ପର୍ଯ୍ୟାୟ, ପ୍ରାରମ୍ଭିକ ତଥା ମାଧ୍ୟମିକରେ ପାରିତ ହୋଇଥିବା କର୍ତ୍ତୃପକ୍ଷଙ୍କ ଆଦେଶକୁ ପୁନରୁଦ୍ଧାର କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ